# ଧାମନଗରରୁ ଉଠିଲା ୧୪୪

ଧାମନଗର/ଭଦ୍ରକ ଅଫିସ, ୨୫।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ଗୁରୁବାର ପୌର ନିର୍ବାଚନ ସମୟରେ ୯ ନଂ. ୱାର୍ଡର ୧୬ ନମ୍ବର ବୁଥ୍‌ରେ ହିଂସା ଘଟିଥିଲା। ଫଳରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେବେ ଧୀରେ ଧୀରେ ସ୍ଥିତିରେ ସୁଧାର ଆସୁଛି। ଗୁରୁବାର ରାତିରୁ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ୧୪୪ ଧାରା ଶୁକ୍ରବାର ସକାଳ ୫ଟାରୁ ଉଠାଇ ଦିଆଯାଇଛି। ଧାମନଗର ଥାନାର ୮ ପ୍ଲାଟୁନ ଫୋର୍ସ ବିଭିନ୍ନ ଛକ ଓ କେତେଜଣ ଅଧିକାରୀ ପାଟ୍ରୋଲିଂରେ ଅଛନ୍ତି। ଦୋକାନ ବଜାର ସ୍ୱାଭାବିକ ହୋଇଥିବା ବେଳେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ


୧୪୪ ଧାରା ଉଠିବା ପରେ ଧାମନଗର ବଜାରର ସ୍ଥିତି ସ୍ୱାଭାବିକ ହେଉଛି।

ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୁରୁବାର ଉତ୍ତେଜନା ଯୋଗୁ ୧୬ ନମ୍ବର ବୁଥ୍ ସମେତ ୬ଟି ବୁଥ୍‌ରେ ଭୋଟ୍ ବନ୍ଦ ରହିଥିଲା। ୨ନଂ ୱାର୍ଡର ୩, ୫ ନଂ ୱାର୍ଡର ୮ ଓ ୯, ୯ ନଂ ୱାର୍ଡର ୧୬, ୧୦ ନଂ ୱାର୍ଡର ୧୭ ଓ ୧୮ ନମ୍ବର ବୁଥ୍‌ରେ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ ରଖାଯାଇଛି। କେବେ ନିର୍ବାଚନ ହେବ ତାହା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇନାହିଁ। ସୂଚନାଯୋଗ୍ୟ, ୧୬ ନଂ. ବୁଥ୍ ଆଗରେ ରମେଶ ଲେଙ୍କା ନାମକ ଯୁବକଙ୍କୁ ଛୁରାମାଡ଼ କରାଯାଇଥିଲା। କଟକ ବଡ଼

- ଏନ୍ଏସି ଭୋଟ୍ ବେଳେ ଯୁବକଙ୍କୁ ଛୁରାମାଡ଼ ଘଟଣା
- ଅନିର୍ଦ୍ଦିଷ୍ଟ କାଳ ଯାଏ ୬ ବୁଥ୍‌ରେ ନିର୍ବାଚନ ବନ୍ଦ

ଡାକ୍ତରଖାନାରେ ଚିକିତ୍ସାଧୀନ ରମେଶଙ୍କ ପୁତୁରା ମନୋଜ ଏନେଇ ଧାମନଗର ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ମାମଲା (ନଂ.୧୧୦/୨୨) ରୁଜୁ କରି ଆକ୍ରମଣକାରୀ ଯୁବକ ସେକ୍ ଅସ୍ତାକଙ୍କୁ ଗିରଫ ପରେ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଏସ୍ଆଇ ମୋନାଲିସା ପ୍ରଧାନଙ୍କୁ ତଦନ୍ତଭାର ପ୍ରଦାନ କରାଯାଇଛି। ଏସ୍‌ପି ଚରଣ ସିଂ ମୀନା ବାରମ୍ବାର ଧାମନଗର ଗସ୍ତ କରି ସ୍ଥିତି ଉପରେ ନଜର ରଖିଛନ୍ତି।

## ଷ୍ଟ୍ରଙ୍ଗରୁମ୍ ଜଗିଛନ୍ତି ପ୍ରାର୍ଥୀଙ୍କ ସମର୍ଥକ

### ଆଜି ହେବ ଗଣତି

ବାରିପଦା ଅଫିସ,୨୫।୩

ମୟୂରଭଞ୍ଜ ଜିଲା ବାରିପଦା ପୌର ନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସକାଳ ୮ଟାରୁ ଗଣତି ଆରମ୍ଭ ହେବାକୁ ଥିବା ବେଳେ ୧୦ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ପ୍ରତି ଟେବୁଲରେ ୨ଜଣ ଲେଖାଏ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ସହାୟତା ପାଇଁ ଅତିରିକ୍ତ ୩ଜଣଙ୍କୁ ରଖାଯାଇଛି। ୩ଟି ଲେଖାଏ ରାଉଣ୍ଡରେ ପୌର ନିର୍ବାଚନର ୱାର୍ଡ ୱାରି ପୌରାଧକ୍ଷ ଓ କାଉନସିଲର ପ୍ରାର୍ଥୀଙ୍କ ଭୋଟ ଗଣତି ଆରମ୍ଭ ହେବ । ୫ଟି ଟେବୁଲରେ କାଉନସିଲର ଓ ୫ଟି ଟେବୁଲରେ ପୌରାଧକ୍ଷ ପ୍ରାର୍ଥୀଙ୍କ ଭୋଟ ଗଣତି ବୁଥ୍ ଅନୁଯାୟୀ କରାଯିବ । ମୋଟ ୮୨ଟି ବୁଥ୍ ଥିବା ବେଳେ ୪ନଂ. ଓ ୮ନଂ. ୱାର୍ଡର ବୁଥରେ କାଉନସିଲର ନିର୍ବାଚନ ହୋଇ ନ ଥିବାରୁ କେବଳ ପୌରାଧକ୍ଷ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ। ଗୁରୁବାର ଭୋଟ ଗ୍ରହଣ ଶେଷ ହେବା ପରେ ଇଭିଏମ୍‌ଗୁଡ଼ିକ ବୁଥ୍ ଅନୁସାରେ ବାରିପଦା ମହାବିଦ୍ୟାଳୟ ଷ୍ଟ୍ରଙ୍ଗ ରୁମ୍‌ରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ସିସିଟିଭି ଓ ପୋଲିସ ଅଧିକାରୀ ୨୪ଘଣ୍ଟିଆ ସଜାଗ ରହିଛନ୍ତି। ପ୍ରଶାସନର ଅନୁମତି ନେଇ କେତେକ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକ ମଧ୍ୟ ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ଜଗି ରହିଛନ୍ତି। ଗଣତି ପ୍ରକ୍ରିୟା ଚାଲିଥିବା ବେଳେ ଫଳାଫଳ ଘୋଷଣା ଜାରି ରହିବ ବୋଲି ନିର୍ବାଚନ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି।

## ସଂକ୍ଷେପରେ

### ଜାତୀୟ ରାଜପଥରେ ବସ୍‌କୁ ଅଟକାଇ ଲୁଟ୍

**ଜଳେଶ୍ୱର, ୨୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳ ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥରେ ଦିନକୁ ଦିନ ଲୁଟ୍‌ରାଜ ବଢ଼ିଚାଲିଛି। ଗୁରୁବାର ଭୁବନେଶ୍ୱରରୁ କୋଲକାତା ଯାଉଥିବା ଏକ ବସ୍ (ନଂ. ଓଡ଼ି୧୧ଏସ୍-୩୭୬୧)ରୁ ଲୁଟ୍ ହୋଇଥିବା ଜଳେଶ୍ୱର ଥାନାରେ ଏକ ଅଭିଯୋଗ ହୋଇଛି। ବସ୍ ଭୁବନେଶ୍ୱରରୁ କୋଲକାତା ଗଲାବେଳେ ରାଜଘାଟ ନିକଟରେ ଏକ ବାଇକ୍ ଓ କାର୍ (ନଂ. ଜେଏଚ୍୦୫ସିଭି-୮୪୦୮) ବସ୍‌କୁ ଅଟାଇବାକୁ ଚେଷ୍ଟା କରିଥିଲେ। ବସ୍ ଦ୍ରୁତଗତିରେ ଯାଉଥିବା ଦେଖି ଏହି ଦୁଇ ଗାଡି ୬୦ନଂ. ଜାତୀୟ ରାଜପଥର ନହଞ୍ଜରା ବାଇପାସ୍‌ଠାରେ ବସ୍‌କୁ ଅଟକାଇଥିଲେ। କାର୍‌ରେ ଥିବା ୩ ଯୁବକ ଅନ୍ୟ କେତେକ ଯୁବକଙ୍କୁ ଡକାଇ ବସ୍‌ରୁ ୨୦ହଜାର ଟଙ୍କା ଲୁଟ୍ କରିଥିବା ଡ୍ରାଇଭର ଥାନାରେ ଅଭିଯୋଗ କରିଛନ୍ତି। ରାଜପଥରେ ପ୍ରାୟ ୧୫ରୁ ଅଧିକ ଯୁବକ ବସ୍ ଚାଳକ ଓ ହେଲପରଙ୍କୁ ମାଡ଼ ମାରିବା ସହିତ ଠେଙ୍ଗାରେ ଆକ୍ରମଣ କରିଥିଲେ। ହଠାତ୍ ଏକ ପୋଲିସ୍ ଗାଡ଼ି ଆସୁଥିବା ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଆହତ ଚାଳକ ଓ ସହଯୋଗୀଙ୍କୁ ଜିକେଭଞ୍ଜର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଜଳେଶ୍ୱର ପୋଲିସ୍ ଏ ସମ୍ପର୍କରେ ତଦନ୍ତ କରୁଥିବା ବେଳେ ରାଜ୍ୟ ଚାଳକ ସଂଘ ପକ୍ଷରୁ ନିନ୍ଦା ଆଗତ କରି ଆସନ୍ତା ଦିନରେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଅଲାଲପୁର ଅଞ୍ଚଳର କାଳିଆ ଦାସ (ଶୁଭେନ୍ଦୁ) ଓ ଅନ୍ୟ ୧୦ଜଣଙ୍କ ନାମରେ ଚାଳକ ସଂଘ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

### ୨୭ରେ ବିରାଟ କୱାଲୀ ଧମାକା

**ରୂପସା, ୨୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ରାଉତପଡ଼ା ପଞ୍ଚାୟତ ଅଧୀନ କାଛି ବସ୍ତି ହଜରତ ସାୟଦ ହାତୀମ ଶାହ ପୀରବାବାଙ୍କ ଉର୍ସ କମିଟି ଆନୁକୂଲ୍ୟରେ ଆସନ୍ତା ୨୭ ତାରିଖରେ ବିରାଟ କୱାଲୀ ଧମାକା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଙ୍ଗଳବାର କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଧମାକାରେ ଲକ୍ଷ୍ନୌର କୱାଲୀ ଗାୟକ ସାକିବ ଅଲ୍ଲୀ ସାବରୀ ଓ କାନପୁରର ସୁକଣ୍ଠି ଗାୟିକା ରୀନା ପରବିନ ଯୋଗଦେଇ କୱାଲୀ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି। ଗଡ଼ପଦାଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ କୱାଲୀ ପରିଚାଳନା କମିଟି କର୍ମକର୍ତ୍ତା ଜୁମନ ଖାଁ, ମଜନୁ ମହମ୍ମଦ ଖାଁ, ୟୁସୁଫ ଖାଁ, ହନାନ ଖାଁଙ୍କ ସମେତ କାଛି ବସ୍ତି, ଗଡ଼ପଦା, ଲଛମନଖୁଣ୍ଟା ଓ ଓଡ଼ିଆଶାସନ ଆଦି ଗ୍ରାମର କମିଟି ସଦସ୍ୟ ଉପସ୍ଥିତ ରହି ରୂପରେଖ ପ୍ରସ୍ତୁତ କରିଥିଲେ।

### ବେଆଇନ ମହୁଲି ମଦ କାରବାର: ୨ ଗିରଫ

**ପାଟଣା, ୨୫।୩ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇଛି। ବେଆଇନ ମହୁଲି ମଦ ବ୍ୟବସାୟ ଅଭିଯୋଗରେ ୨ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ବେପାରୀ ହେଲେ ପାଟଣା ଥାନା ଅଧୀନ ପୁଟୁଳିଆ ଗ୍ରାମର ଦର୍ଶନ ମୁଣ୍ଡା ଓ ତୁରୁମୁଙ୍ଗା ଥାନା ବଲାଣିପଶିର କପିଳାସ ପାତ୍ର। ସେମାନଙ୍କଠାରୁ ୪୫ ଲିଟର ମହୁଲି ମଦ ଜବତ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପଲେଇ କହିଛନ୍ତି।

### ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

**ଯୋଡ଼ା,୨୫।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ୬ଟି କମ୍ପାନୀ ପକ୍ଷରୁ ଯୋଡ଼ା ବ୍ଲକର କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ ଅଞ୍ଚଳର ପ୍ରାୟ ୩ ଶହ ଯୁବତୀ ଯୁବକ ଏଥିରେ ଯୋଗ ଦେଇଥିଲେ। ବେକାର ଯୁବତୀ ଯୁବକମାନଙ୍କୁ ରୋଜଗାରକ୍ଷମ କରାଇ ନିଯୁକ୍ତି ଦେବା ନିମନ୍ତେ ପ୍ରୟାସ କରାଯାଉଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଉପସ୍ଥିତ କୁହାଯାଇଥିଲା। ଅଷ୍ଟମରୁ ଉର୍ଦ୍ଧ୍ୱ ପାସ କରିଥିବା ଯୁବତୀଯୁବକମାନଙ୍କୁ ନେଇ ସିଲେଇ, ପାଇପ୍ ମିସ୍ତ୍ରୀ, ଇଲେକ୍ଟ୍ରିକାଲ, ହସ୍ପିଟାଲିଟି ପ୍ରଭୃତିରେ ଶିକ୍ଷା ଦେଇ କର୍ମ ନିଯୁକ୍ତି ଦେବାର ଯୋଜନା କରାଯାଇଥିବା ନେଇ ଜିଲା ସ୍କିଲ କୋ ଅର୍ଡିନେଟର ତପନ କୁମାର ପାତ୍ର ଗଣମାଧମକୁ ସୂଚନା ଦେଇଛନ୍ତି। ବ୍ଲକ ସ୍କିଲ୍ କୋ ଅର୍ଡିନେଟର ବସନ୍ତ ବେହେରା, ବ୍ଲକ ଯୋଜନା ପର୍ଯ୍ୟବେକ୍ଷକ ଦିବାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ୩୦ ଚାନ୍ଦିପୁରରେ ପରୀକ୍ଷାମୂଳକ ଉଡ଼ାଣ


ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆହୂତ ଜରୁରୀ ବୈଠକ।

### ସ୍ଥାନୀୟ ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରଶାସନର ବୈଠକ

ବାଲେଶ୍ୱର ଅଫିସ, ୨୫।୩

ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆରରୁ ସିରିଜ୍ ପରୀକ୍ଷାମୂଳକ ଉଡ଼ାଣ (ଏକ୍ସପେରିମେଣ୍ଟାଲ ଫ୍ଲାଇଟ୍ ଟ୍ରାଏଲ) ଆସନ୍ତା ୨୭ରୁ ୩୦ତାରିଖ ମଧ୍ୟରେ ହେବ। ଏହି ପରିପ୍ରେକ୍ଷୀରେ ପରୀକ୍ଷଣ କେନ୍ଦ୍ର (ଏଲସି-୩)ର ଅଢ଼େଇ କିଲୋମିଟର ପରିଧି ମଧ୍ୟରେ ବସବାସ କରୁଥିବା ସ୍ଥାନୀୟ ଜନସାଧାରଣଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ପାଇଁ ଶୁକ୍ରବାର ସଦ୍‌ଭାବନା ସଭାଗୃହଠାରେ ଜିଲା ପ୍ରଶାସନର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରୀକ୍ଷାମୂଳକ ଉଡ଼ାଣ ପାଇଁ ସ୍ଥାନୀୟ ଖଡ଼ୁପାହି, କୁସୁମୁଳିପାହି, ଭୀମପୁର ପାହି, ତୁଣ୍ଡରା ପାହି, ଜୟଦେବକସବା ପାହି ଏବଂ ସାହାଜାନଗର ପାହିଗ୍ରାମର ପ୍ରାୟ ୭ହଜାର ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ଖଡ଼ୁପାହି ୟୁପି ସ୍କୁଲ, ତୁଣ୍ଡରା ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଜୟଦେବ କସବାପାହି ବାତ୍ୟା ଆଶ୍ରୟସ୍ଥଳୀଠାରେ ଅସ୍ଥାୟୀ ଶିବିର କରାଯିବ। ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ଠିକ୍ ଭାବେ ଚିହ୍ନଟ ସହ ସେମାନଙ୍କୁ ମାଇକ୍ ପ୍ରଚାର ମାଧ୍ୟମରେ ସଚେତନ କରିବା ଏବଂ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକଙ୍କୁ କୁହାଯାଇଥିଲା। ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ଲୋକଙ୍କୁ ପ୍ରାପ୍ୟ ଟଙ୍କା ଠିକ୍ ଭାବେ ପ୍ରଦାନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାପ୍ୟ ଟଙ୍କା ଗ୍ରହଣ ସମୟରେ ଲୋକମାନଙ୍କୁ ନିଜର ପରିଚୟପତ୍ର ଯଥା ଆଧାର କାର୍ଡ଼ କିମ୍ବା ଭୋଟର ପରିଚୟପତ୍ର ଦେଖାଇବାକୁ ହେବ। ଅସ୍ଥାୟୀ ଶିବିରକୁ ଆସୁଥିବା ଲୋକଙ୍କୁ ନିଜ ସାଙ୍ଗରେ ଜରୁରୀ ଔଷଧ ଏବଂ ଖାଦ୍ୟ ଆଣିବା ପାଇଁ ସଚେତନ କରାଯିବ। ଅସ୍ଥାୟୀ ଶିବିର ନିକଟରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ବିଭାଗକୁ ଏବଂ ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ କୁହାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ଶିବିର ନିକଟରେ ଆମ୍ବୁଲାନ୍ସ ଓ ଡାକ୍ତରୀ ଟିମ୍ ମୁତୟନ କରାଯିବ। ଏହି ପରୀକ୍ଷାମୂଳକ ଉଡ଼ାଣ ଏକ ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କିତ ବିଷୟ ହୋଇଥିବାରୁ ଏହାକୁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭବେଶ କୁମାର ନାୟକ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆଇଟିଆର ବରିଷ୍ଠ ବୈଜ୍ଞାନିକ ନୀଳାଦ୍ରି ରାୟ, ଆଇଏଏସ ପ୍ରୋବେସନର କୁନାଲ ଚୌହାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୨ ଲୁଟେରାଙ୍କ ସହ ଗହଣା ଦୋକାନୀ ଗିରଫ

ବାରିପଦା ଅଫିସ/ବୈଶିଙ୍ଗା, ୨୫।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ପୋଲିସ ଛିନତାଇ ଅଭିଯୋଗରେ ୨ଲୁଟେରାଙ୍କ ସହ ଜଣେ ଗହଣା ଦୋକାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ପାଟଳୀପୁରା ଗ୍ରାମର ଗୋପୀନାଥ ମହାରଣା, ନଛିପୁରିଆ ଗ୍ରାମର ସରୋଜ ଦଣ୍ଡପାଟ ଓ ଗହଣା ଦୋକାନୀ ତରୁଣ କୁମାର ରଣା। ସେମାନଙ୍କ ନିକଟରୁ ୩ଟି ସୁନାହାର, ହଳେ ସୁନା ପଲା, ୨ଟି ମୋବାଇଲ, ଗୋଟିଏ ବନ୍ଧୁକ, ଟିଭିଏସ୍ ବାଇକ୍ ଓ ସ୍କୁଟି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ଅପରାଧିକ ମାମଲା ରୁଜୁ ହୋଇଥିବା ନେଇ ବାରିପଦା ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଥାନାଧିକାରୀ ମଧୁସ୍ମିତା ମହାନ୍ତିଙ୍କ ସମେତ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ଗତ ୨୧ମାର୍ଚ୍ଚରେ ନୂଆଡିହୀ ଗ୍ରାମର କାର୍ତ୍ତିକ ମହାନ୍ତ ଭଉଣୀଙ୍କ ସହ ଘରକୁ ଫେରୁଥିବା ବେଳେ ଦୁଇ ଲୁଟେରା ଏକ ନମ୍ବର ବିହୀନ ସ୍କୁଟିରେ ଆସି ସୁନାହାର ଛିଣ୍ଡାଇ ନେଇ ପ୍ରତାପପୁର ରାସ୍ତା ଦେଇ ପଳାଇଯାଇଥିଲେ। ଏନେଇ ଲିଖିତ ଅଭିଯୋଗ ପରେ ବେତନଟୀ ପୋଲିସ ଏକ ମାମଲା (ନଂ.୭୮/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

## ରାଜ୍ୟସଭାରେ ପ୍ରସ୍ତାବ ରଖିଲେ ମମତା

### ରାଇରଙ୍ଗପୁର ଉପଖଣ୍ଡରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

ବିଶୋଇ,୨୫।୩(ଡି.ଏନ.ଏ)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଉପଖଣ୍ଡରେ ଇସ୍ପାତ କାରଖାନା ପ୍ରତିଷ୍ଠା କରି ଜିଲାକୁ ବିକାଶାଭିମୁଖୀ କରିବା ନେଇ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଦାବି କରିଛନ୍ତି। ଗୁରୁବାର ରାଜ୍ୟସଭା ଅଧିବେଶନର ଶୂନ୍ୟକାଳରେ ସେ ଏହି ପ୍ରସ୍ତାବ ଉଠାଇଛନ୍ତି। ସୂଚନାଯୋଗ୍ୟ, ଭୌଗଳିକ ଦୃଷ୍ଟିକୋଣରୁ ମୟୂରଭଞ୍ଜ ରାଜ୍ୟର ସର୍ବବୃହତ ଜିଲା ଭାବେ ପରିଚିତ ଥିବାବେଳେ ପ୍ରାକୃତିକ ସମ୍ପଦରେ ଭରପୁର ରହିଛି। ମାତ୍ର ପରିତାପର ବିଷୟ ଏହିକି ଯେ, ଜିଲାରେ ଅଦ୍ୟାବିଧି ପ୍ରାକୃତିକ ସମ୍ପଦ ଆଧାରିତ କୌଣସି କାରଖାନା ପ୍ରତିଷ୍ଠା କରାଯାଇନାହିଁ। ଜିଲାର ରାଇରଙ୍ଗପୁର ଉପଖଣ୍ଡରେ ପ୍ରଚୁର ପରିମାଣରେ ଲୌହଖଣି ରହିଛି। ଏହି ଲୌହ ଝାଡ଼ଖଣ୍ଡ ରାଜ୍ୟର ଜାମସେଦପୁର, ବୋକାର,ଦୁର୍ଗାପୁର,ଭିଲାଇ ଏବଂ ରାଉରକେଲା ପ୍ରମୁଖ ଇସ୍ପାତ କାରଖାନାମାନଙ୍କୁ ରପ୍ତାନି କରାଯାଉଥିବା ବେଳେ ଏହାର ପରିବହନ ବାବଦକୁ ବହୁତ ଖର୍ଚ୍ଚ ମଧ୍ୟ ହୋଉଛି। ତେଣୁ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଉପଖଣ୍ଡରେ ଲୌହଖଣିକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳରେ ଏକ ଇସ୍ପାତ କାରଖାନା ସ୍ଥାପନ କରାଯାଉ ବୋଲି ରାଜ୍ୟସଭା ସଦସ୍ୟା ମହାନ୍ତ ପ୍ରସ୍ତାବ ଦେଇଥିଲେ।

## ନିର୍ବାଚନ ବନ୍ଦକୁ ଭାଜପାର ବିରୋଧ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ଧାମନଗର, ୨୫।୩

ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ଆକ୍ରମଣ ଘଟଣାକୁ କେନ୍ଦ୍ରକରି ନିର୍ବାଚନ ବନ୍ଦ ଘୋଷଣାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଶାସକ ଦଳର ପ୍ରରୋଚନାରେ ଏଭଳି ଅଗଣତାନ୍ତ୍ରିକ ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ସନ୍ଧ୍ୟାରେ ଧାମନଗର ନଗର ଭାଜପା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ କୁହାଯାଇଛି। ଭଦ୍ରକ ଜିଲା ଭାଜପା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ବରିଷ୍ଠ ନେତା ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେଡି କ୍ଷମତା ଅକ୍ତିଆର ପାଇଁ ଧାମନଗର ଭଳି ଏକ ଭାଇଚାରା ଅଞ୍ଚଳରେ ଯୋଜନାବଦ୍ଧ ଗଣ୍ଡଗୋଳ ଭିଆଇଥିବା କହିଛନ୍ତି। ଶାସକ ଦଳ ଏଠାରେ ପରାଜିତ ହେବାର ଆଶଙ୍କା କରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ତାଙ୍କ ସମର୍ଥକ ଜଣେ ଯୁବକ ଦ୍ୱାରା ଭାଜପା କର୍ମୀଙ୍କୁ ଆକ୍ରମଣ କରିଥିବା ଦଳ ଅଭିଯୋଗ କରିଛି। ସେହିପରି ସମ୍ବେଦନଶୀଳ ବୁଥ୍‌ର ତାଲିକା ଦିଆଯାଇ ଏଠାରେ ପୋଲିସ ସୁରକ୍ଷା ପାଇଁ ପ୍ରଶାସନକୁ ଆଗୁଆ ସୂଚନା ଦିଆଯାଇଥିଲା। ଏହା ସତ୍ତ୍ୱେ ଗଣ୍ଡଗୋଳ ଆଶଙ୍କା ଥିବା ସ୍ଥାନରେ କେବଳ ହୋମଗାର୍ଡ ନିଯୁକ୍ତି ନେଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ତୁରନ୍ତ ବନ୍ଦ ଥିବା ବୁଥ୍‌ରେ ମତଦାନ ପାଇଁ ଦାବି ହୋଇଛି।

## ଗାଁକୁ ପଶି ଆସିଥିବା ଭାଲୁର ମୃତଦେହ ଜବତ

ଠାକୁରମୁଣ୍ଡା,୨୫।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଧୀନ ଖଣ୍ଡବନ୍ଧ ପଞ୍ଚାୟତ ପୁରୁଣାପଣି ଗାଁ ଭିତରକୁ ଗୁରୁବାର ମଧ୍ୟାହ୍ନରେ ପଶି ଆସିଥିବା ଭାଲୁର ମୃତ୍ୟୁ ହୋଇଯାଇଛି। ବୟସାଧିକ କାରଣରୁ ଗୋଡ଼ରେ କ୍ଷତ ହୋଇ ଚାଲି ପାରୁ ନ ଥିବା ଏହି ଭାଲୁ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଜାଣି ଶୁକ୍ରବାର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତାର ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିଲା। ବାରିପଦାରୁ ଜଣେ ପ୍ରାଣୀ ଚିକିତ୍ସକଙ୍କ ସହିତ କରଞ୍ଜିଆ ଏସିଏଫ୍ ଫାଲଗୁନି ବେହେରା, ପଡ଼ିଆବେଡ଼ା ଫରେଷ୍ଟର ଓ ବନକର୍ମଚାରୀମାନେ ଯାଇଥିବା ବେଳେ ପୁରୁଣାପଣି ଗ୍ରାମ ନିକଟ ଏକ ହୁଡ଼ିରେ ଥିବା ଗୁମ୍ଫା ଭିତରେ ଆହତ ଭାଲୁଟି ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଠାକୁରମୁଣ୍ଡା ଆଣିଛନ୍ତି। ଉଲ୍ଲେଖଯୋଗ୍ୟ, ଗୁରବାର ଭାଲୁଟି ପୁରୁଣାପଣି ଗାଁ ଭିତରକୁ ପଶି ଆସିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। କିନ୍ତୁ ଭାଲୁଟି କାହାରି କିଛି କ୍ଷତି ନ କରି ପାଖ ଜଙ୍ଗଲ ଭିତରକୁ ପଳାଇଥିଲା।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୨୫।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଚମ୍ପାଝର ପଞ୍ଚାୟତରୁ ପିଡିଏସ୍ ଚାଉଳ ନେଇ ଘରକୁ ଯାଉଥିବା ସମୟରେ ରାସ୍ତା ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କିରିକିଚିପାଳ ଗ୍ରାମର ରାଜେନ୍ଦ୍ର ଦାସ। ମହୁଲଡିହା ଥାନା ପୋଲିସ ତଦନ୍ତ ଜାରି ରଖିଛି।

## ଡାକ୍ତର ନିଯୁକ୍ତି ଦାବି

ବାଲିଆପାଳ, ୨୫।୩(ସ୍ୱ.ପ୍ର.)

ବାଲେଶ୍ୱର ମେଡିକାଲ କଲେଜ ଓ ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ଶୁକ୍ରବାର ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ବିଭାଗରେ ପ୍ରଫେସର ଓ ଡାକ୍ତର ନିଯୁକ୍ତି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାଲିଆପାଳ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ବାଲେଶ୍ୱର ମେଡିକାଲ କଲେଜର ବିଭିନ୍ନ ବିଭାଗରେ ବହୁଦିନ ଧରି ଡାକ୍ତର ନ ଥିବାରୁ ଜିଲା ତଥା ପଡ଼ୋଶୀ ଜିଲାର ଲୋକମାନେ ଚିକିତ୍ସାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବିଭାଗରେ ଡାକ୍ତର ନିଯୁକ୍ତି କରିବା ପାଇଁ ବାଲେଶ୍ୱର ଏମ୍‌ସ ଏବଂ ଆୟୁଷ ଓପିଡ଼ି ପ୍ରସ୍ତୁତ ହୋଇଥିଲେ ମଧ୍ୟ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ନ ଥିବାରୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଓ ସମସ୍ତ ବିଭାଗର ଡ଼ାକ୍ତର ନିଯୁକ୍ତି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ସଭାପତି ନାରାୟଣ ପ୍ରସାଦ ସାହୁ, ସମ୍ପାଦକ ସନ୍ୟାସୀ ବେହେରା, ଅଧାପକ କୁଞ୍ଜକାନ୍ତ ପାତ୍ର, ବୀରମାଧବ ଦାସ, ଅବସରପ୍ରାପ୍ତ ଶିକ୍ଷକ ଅଜିତ ପାତ୍ର, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ବାଲିଆପାଳ ତହସିଲଦାର ଦୀପକ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଦ୍ୟୁତ୍ ବିଲ୍ ଆଦାୟକୁ ନେଇ ଲଙ୍କାକାଣ୍ଡ

ସଜନାଗଡ଼, ୨୫।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଧୋବାଶିଳା ଗ୍ରାମରେ ବକେୟା ବିଲ୍ ଆଦାୟକୁ ନେଇ ଶୁକ୍ରବାର ବିଦ୍ୟୁତ୍ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ଗାଡିକୁ ଅଟକାଇବାକୁ ଉଦ୍ୟମ କରୁଥିବା ବେଳେ କର୍ମଚାରୀମାନେ ଗାଡି ମଡାଇଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ଉଭୟ ପକ୍ଷରୁ ୩ଜଣ ଗୁରୁତର ହୋଇଛନ୍ତି। ଏନେଇ ନୀଳଗିରି ପୋଲିସ ୨ଜଣ ଗ୍ରାମବାସୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହାର ପ୍ରତିବାଦରେ ଧୋବଶିଳା ଗ୍ରାମବାସୀ ନୀଳଗିରି ଥାନା ଘେରାଉ କରିଥିଲେ।

ମାର୍ଚ୍ଚରେ ବକେୟା ବିଦ୍ୟୁତ ବିଲ୍ ଆଦାୟ ଜୋରସୋରରେ ଚାଲିଥିବା ବେଳେ ଶୁକ୍ରବାର ବିଦ୍ୟୁତ୍ ବିଭାଗ କର୍ମଚାରୀ ଧୋବଶିଳା ଗାଁକୁ ଯାଇଥିଲେ। ଉକ୍ତ ଗ୍ରାମର ଚିନ୍ତାମଣି ସଙ୍କ ଘରେ ପହଞ୍ଚି ବକେୟା ବିଦ୍ୟୁତ୍ ବିଲ୍ ପୈଠ ନେଇ କର୍ମଚାରୀ ଓ ପରିବାର ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା।



ଗ୍ରାମବାସୀଙ୍କ ପକ୍ଷରୁ ନୀଳଗିରି ଥାନା ଘେରାଉ କରାଯାଉଛି।

### କର୍ମଚାରୀ-ଗ୍ରାମବାସୀ ହାତାହାତି, ୨ ଆହତ

ବିଦ୍ୟୁତ୍ କର୍ମଚାରୀ ପ୍ରଥମେ ଆକ୍ରମଣ କରିଥିବା ବେଳେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ଏଥିରେ ପରିବାରର କରୁଣାକର ସ (୩୫) ଆହତ ହୋଇଥିଲେ। ପଡ଼ୋଶୀ ଓ ଗ୍ରାମବାସୀ ଏକଜୁଟ୍ ହେବାରୁ ଟାଟା ପାୱାର କର୍ମଚାରୀ ଘଟଣାସ୍ଥଳରୁ ଗାଡ଼ି ଯୋଗେ ପଳାଇବାକୁ ଚେଷ୍ଟା କରୁଥିଲେ। ଗ୍ରାମବାସୀ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଗ୍ରାମବାସୀଙ୍କ ଉପରେ ଗାଡ଼ି ମଡ଼ାଇ ଚାଲିଯିବାକୁ ଉଦ୍ୟମ କରିଥିଲେ। ଉକ୍ତ ପରିବାରର ମହିଳା ସୁଚିସ୍ମିତା ସ (୨୬)ଙ୍କ ମୁଣ୍ଡ ମାଡ଼ ହେବା ସହ କିଛି ଦୂରକୁ ଛିଟ୍‌କି ପଡ଼ିଥିଲେ। ପରେ ଗ୍ରାମବାସୀଙ୍କ ମାଡ଼ରେ ଲାଇନ୍‌ମ୍ୟାନ ରଞ୍ଜନ କୁମାର ଦାସ (୩୫) ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ନେଇ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଟାଟା ପାୱାର ପକ୍ଷରୁ ଲାଇନ୍‌ମ୍ୟାନ୍‌ଙ୍କୁ ମଧ୍ୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ନୀଳଗିରି ବିଦ୍ୟୁତ ବିଭାଗ ଏସ୍‌ଡ଼ିଓ ଓ ଜେଇଙ୍କ ଉପସ୍ଥିତିରେ ମାର୍‌ପିଟ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଠିକ୍ ତଦନ୍ତ ଓ ନ୍ୟାୟ ଦାବିରେ ଶୁକ୍ରବାର ସନ୍ଧ୍ୟାରେ ନୀଳଗିରି ଥାନା ଘେରାଉ କରିଥିଲେ। ଟାଟା ପାୱାର କର୍ମଚାରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ନୀଳଗିରି ଥାନାରେ ଦୁଇଟି ପୃଥକ ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା (ନଂ. ୧୩୨ ଓ ୧୩୩ /୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନୀଳଗିରି ଥାନା ଅଧିକାରିଣୀ ଦ୍ରୌପଦୀ ଦାସ ଗ୍ରାମବାସୀଙ୍କ ସହ ଆଲୋଚନା କରି ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଲୋକେ ଧାରଣାରେ ବସିରହିଥିଲେ। ଏସ୍‌ଡିଓ ଯଯାତୀ କେଶରୀ ସିଂହ ଗାଡ଼ି ମଡାଇବା ଘଟଣାକୁ ଖଣ୍ଡନ କରିଛନ୍ତି।

## ସଂକ୍ଷେପରେ

### ବିବାହ ପୂର୍ବରୁ ପ୍ରେମିକାଙ୍କୁ ଛାଡ଼ି ପ୍ରେମିକ ଫେରାର

**ସୋର, ୨୫।୩(ଡି.ଏନ୍.ଏ.):** ଶୁକ୍ରବାର ଖଇରା ବ୍ଲକରୁ ଏକ ପ୍ରେମୀଯୁଗଳ ଉଭୟ ପରିବାରଙ୍କ ଉପସ୍ଥିତିରେ ବିବାହ କରିବାକୁ ସୋରକୁ ଆସିଥିବା ବେଳେ ହଠାତ୍ ବିବାହସ୍ଥଳରୁ ପ୍ରେମିକାଙ୍କୁ ଛାଡି ପ୍ରେମିକ ଫେରାର ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଯୁବକ ୩ବର୍ଷ ହେଲା ଯୁବତୀଙ୍କୁ ପ୍ରେମ କରୁଥିଲେ। ହେଲେ ଯୁବକ ଜଣକ ବିଭିନ୍ନ ଆଳ ଦେଖାଇ ବିବାହକୁ ଟାଳି ଦେଉଥିଲେ। ୩ଦିନ ପୂର୍ବେ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ହୋଲି ମେଲଣ ଉତ୍ସବରେ ସମ୍ପୃକ୍ତ ଯୁବକଙ୍କୁ ଦେଖି ପ୍ରେମିକାଙ୍କ ଘର ଲୋକେ ଘରକୁ ନେଇ ରଖିଥିଲେ। ଉଭୟଙ୍କ ଜାତିଗତ ସମସ୍ୟା ଥିବା ସତ୍ତ୍ୱେ ଉଭୟ ପରିବାର ନିଷ୍ପତ୍ତିରେ ଆଇନସମ୍ମତ ଭାବେ ବିବାହ ସମ୍ପନ୍ନ କରାଇବାକୁ ପ୍ରେମୀଯୁଗଳଙ୍କୁ ନେଇ ସୋରରେ ପହଞ୍ଚିଥିଲେ। ହେଲେ ବିବାହ ପୂର୍ବରୁ ପ୍ରେମିକ ପାନ ଆଣିବା ବାହାନାରେ ଅନ୍ୟ ଜଣେ ସାଙ୍ଗ ସ୍କୁଟିରେ ବସିଯିବା ପରେ ଆଉ ଫେରି ନ ଥିଲେ। ଉଭୟ ପକ୍ଷରୁ ମୋବାଇଲରେ ଯୁବକଙ୍କ ସହ ଯୋଗାଯୋଗ କରିବା ସମ୍ଭବ ନ ହେବାରୁ ପ୍ରେମିକଙ୍କ ବାପା କନ୍ୟାପକ୍ଷଙ୍କ ଆକ୍ରୋଶର ଶିକାର ହୋଇଥିଲେ। ମୁଦି ପିନ୍ଧାଇ ବୋହୂ କରି ନେଇଯିବାକୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରେମିକଙ୍କ ବାପା ଅକଳସ୍ଥିତିରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଖଇରା ଥାନାରେ ଲିଖିତ ଅଭିଯୋଗ କରିବାକୁ କନ୍ୟାପକ୍ଷ ନିଷ୍ପତ୍ତି ନେଇ ଫେରିଯାଇଛନ୍ତି।

### ବାଉଁଶଗଡ଼ିଆରେ ବଳିଦାନ ଦିବସ

**ଖଇରା, ୨୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ଶହୀଦ ଭଗତ ସିଂଙ୍କ ୯୧ତମ ବଳିଦାନ ଦିବସ ଶନିବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭାଜପା ପଞ୍ଚାୟତ ସଭାପତି ଦୈତାରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବନିର୍ବାଚିତ ସରପଞ୍ଚ ବିଚିତ୍ର ପାତ୍ର, ଭାଜପା ପଞ୍ଚାୟତ ସମ୍ପାଦକ ଅଜୁ ଖିଲାର, ୱାର୍ଡସଭ୍ୟ ଜ୍ଞାନରଞ୍ଜନ ପଣ୍ଡା, ଶଶିକାନ୍ତ ପାତ୍ର, ସୁବାସ ମହାନ୍ତି, ଶ୍ୟାମସୁନ୍ଦର ନାୟକ, ଭାର୍ଗବ ପାତ୍ର ପ୍ରମୁଖ ଉପସ୍ଥିତ ରହି ଭଗତ ସିଂ ଦେଶପ୍ରେମ ଜାତୀୟତାବୋଧ ଉପରେ ଆଲୋକପାତ କରି ଆଜିର ଯୁବଗୋଷ୍ଠୀ ଏହାକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ।

### ପରାମର୍ଶ ଶିବିର: ୧୭୬ ଯୁବତୀଯୁବକ ପଞ୍ଜୀକୃତ

**ବନ୍ତ,୨୫।୩ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ମହିଳା ମହାସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୩୫ ଶିକ୍ଷିତ ବେକାର ଯୁବତୀ ଯୁବକ ଅଂଶଗ୍ରହଣ କରିଥିବା ବେଳେ ୧୭୬ଜଣ ତାଲିମ ନେବା ପାଇଁ ବିଭିନ୍ନ ଟ୍ରେଡ୍‌ରେ ନାମ ପଞ୍ଜୀକରଣ କରିଛନ୍ତି। ବିଡିଓ ଶୁଭଦର୍ଶନ ମିଶ୍ର, ସରପଞ୍ଚ ତଅପୋଇ ସେଠୀ, ସମିତିସଭ୍ୟା ଦୀପାରାଣୀ ଜେନା, ବ୍ଲକ ପ୍ରକଳ୍ପ ପରିଚାଳକ ଚିରଞ୍ଜୀବ ଦାସ, ବ୍ଲକସ୍ତରୀୟ ସଂଯୋଜିକା ରଶ୍ମିତା ପଣ୍ଡା, ସଞ୍ଜୁଲତା ନାୟକ, ଦୁର୍ଗା ପ୍ରସାଦ ଦାସ, ଦକ୍ଷତା ବିକାଶ ସଂଯୋଜିକା ସ୍ମିତା ପାଣିଗ୍ରାହୀ ଯୋଗ ଦେଇଥିଲେ। ୭ ପିଆଇଏ ଏବଂ ସମସ୍ତ ଦକ୍ଷ ନଥିପତ୍ର ପରିଚାଳିକା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ପଞ୍ଚାୟତ ସମିତି ଅଧକ୍ଷା, ଉପାଧକ୍ଷାଙ୍କୁ ସମ୍ବର୍ଦ୍ଧନା

**କୁଆମରା,୨୫।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ପଞ୍ଚାୟତ ସମିତି ଅଧକ୍ଷା ଝୁଲଣ ବାରସାଲିଆ ଓ ଉପାଧକ୍ଷା ରଶ୍ମିତା ଚୌଧୁରୀଙ୍କୁ ବିଜେଡି ପକ୍ଷରୁ ସାଇଁକୁଳାଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ରତିକାନ୍ତ ମିଶ୍ର ଯୋଗଦେଇ ଉଭୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଜନସାଧାରଣ ତଥା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ମହାରଣା, ଯୁବ ନେତା ସନାତନ ନାୟକ, କମଳାକାନ୍ତ ଚୌଧୁରୀ, ରଜତ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆଣବିକ ଗବେଷଣା ଲୋକାଭିମୁଖୀ ହେଉ'

**ବାରିପଦା ଅଫିସ,୨୫।୩**

ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ – ଆଣବିକ ବିଜ୍ଞାନ ଗବେଷଣା ପରିଷଦ ଦ୍ୱାରା 'ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ସାମାଜିକ ଆବେଦନ' ଶୀର୍ଷକ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଭାବା ପରମାଣୁ ଗବେଷଣା କେନ୍ଦ୍ର, ଆଣବିକ ବିଜ୍ଞାନ ଗବେଷଣା ପରିଷଦ, ପଦାର୍ଥ ବିଜ୍ଞାନ ଅନୁଷ୍ଠାନ, ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନର ୨୬ଜଣ ବିଖ୍ୟାତ ଆଣବିକ ବିଜ୍ଞାନୀଗଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଣବିକ ଗବେଷଣା କେବଳ ଗବେଷଣାରେ ସୀମିତ ନ ରହି ଲୋକାଭିମୁଖୀ ହୋଇ ସାଧାରଣ ଜୀବନରେ ବାସ୍ତବ ପ୍ରୟୋଗ କ୍ଷେତ୍ରରେ ଆବଶ୍ୟକତା ରହିଛି ବୋଲି ଡ. ମହାନ୍ତି କହିଥିଲେ ।



ଜନସମ୍ପର୍କ କାର୍ଯ୍ୟକ୍ରମରେ ଯୋଗଦେଇଥିବାଅତିଥିମାନେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ସ୍ୱାଗତ ଭାଷଣ ଦେଇ ମୟୂରଭଞ୍ଜ ଓ କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲା ପାଇଁ ଏହି କାର୍ଯ୍ୟକ୍ରମ ଭବିଷ୍ୟତରେ ଜୀବନ ମାନକ ବୃଦ୍ଧି କ୍ଷେତ୍ରରେ ଏକ ଉନ୍ନତ ଗବେଷଣାତ୍ମକ ପରିବେଶ ସୃଷ୍ଟି କରିବ ବୋଲି କହିଥିଲେ। ଭାବା ପରମାଣୁ ଗବେଷଣା କେନ୍ଦ୍ରର ତରଙ୍ଗ ରସାୟନ ବିଭାଗର ବୈଜ୍ଞାନିକ ଅଧିକାରୀ ଡ. ରଘୁନାଥ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ବିବରଣୀ

**ଆଣବିକ ଶକ୍ତି ବିଭାଗର ଜନସମ୍ପର୍କ କାର୍ଯ୍ୟକ୍ରମ**

ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଆଣବିକ ରସାୟନ ବିଜ୍ଞାନୀ ଓ ସହଯୋଗୀ ବୈଜ୍ଞାନିକ ସଂଗଠନର ସଭାପତି ଡ. ପି. କେ. ପୂଜାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ରର ରସାୟନ ବିଭାଗ ନିର୍ଦ୍ଦେଶକ ଡ. ଏ. କେ. ତ୍ୟାଗୀ, ପଦାର୍ଥ ବିଜ୍ଞାନ ବିଭାଗର ନିର୍ଦ୍ଦେଶକ ଡ. ଏସ.ଏମ. ୟୁସୁଫ, ଜୈବ ବିଜ୍ଞାନ ବିଭାଗ ନିର୍ଦ୍ଦେଶକ ଡ. ତପନ କୁମାର ଘଣ୍ଟି , ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ, ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରବୃତ୍ତି ଜାତ କରିବା ପାଇଁ ପ୍ରେରଣା ଦେଇଥିଲେ।

# ଗୁରୁତର ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସମୀର

## ନିର୍ବାଚନ ବେଳେ ବୁଥ୍‌ରେ ଛୁରାମାଡ଼ ଘଟଣା

**କଟକ ଅଫିସ/ଧାମନଗର,୨୫।୩**

ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ୯ନଂ. ୱାର୍ଡର ୧୬ନଂ. ବୁଥ୍‌ରେ ଗୁରୁବାର ଭୋଟ୍ ଗ୍ରହଣ ବେଳେ ସ୍ଥାନୀୟ ମହାନ୍ତିସାହିର ରମେଶ ଚନ୍ଦ୍ର ଲେଙ୍କାଙ୍କୁ ଛୁରାମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମେଡିକାଲରେ ତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗଣତନ୍ତ୍ରରେ ହିଁସା ଗ୍ରହଣୀୟ ନୁହେଁ। ବୁଥ୍ ମଧ୍ୟରେ ଜନତାଙ୍କୁ ଆକ୍ରମଣ କରିବା ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହି ଘଟଣାକୁ ନିନ୍ଦା କରିବା ସହ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଧାମନଗର ଏନ୍‌ଏସିର ଉକ୍ତ ବୁଥ୍‌ରେ ସେକ୍ ଅସ୍ତାକ ନାମକ ଜଣେ ଯୁବକ ପଶି ପାଟିତୁଣ୍ଡ କରିଥିଲେ। ଏହାକୁ ରମେଶ ବିରୋଧ କରିବାରୁ ଅସ୍ତାକ ତାଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ୟକ୍ତ ଲୋକେ ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିବା ସହ ଧାମନଗର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।


ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଆସିଥିବା ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଅନ୍ୟ ନେତୃବୃନ୍ଦ।

# ଆଜି ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

**ବାରିପଦା ଅଫିସ,୨୫।୩**

ମୟୂରଭଞ୍ଜ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ସକାଳ ୮ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇ ସନ୍ଧ୍ୟାରେ ଫଳାଫଳ ପ୍ରକାଶ ପାଇବ। ସଭାପତି ପଦ ପାଇଁ ପ୍ରଦୀପ କୁମାର ରଥ ଓ ପ୍ରବୀର କୁମାର ବସା ପ୍ରାର୍ଥୀ ହୋଇଥିବା ବେଳେ, ଉପସଭାପତି ପଦ ପାଇଁ ସତ୍ୟବ୍ରତ ମହାନ୍ତି, ମନୋରଞ୍ଜନ ପରିଛା ଓ ସୁଜାତା ମିଶ୍ରପ୍ରାର୍ଥୀ ରହିଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ବିପ୍ଳବ ବାରିକ, ବସନ୍ତ କୁମାର ଭୋଳ ଓ ନରୋତ୍ତମ ପାଣିଗ୍ରାହୀ. ଯୁଗ୍ମ ସମ୍ପାଦକ(ପ୍ରଶାସନ) ପଦ ପାଇଁ ପଙ୍କଜ କୁମାର ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତି ଓ ଶାନ୍ତନୁ କୁମାର ପାଲ ପ୍ରାର୍ଥୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ(ପାଠାଗାର) ପଦ ପାଇଁ ମୃତ୍ୟୁଞ୍ଜୟ ସିଂହ, କୈଳାସ ପ୍ରସାଦ ସାହୁ ଓ ପାର୍ବତୀମଣି ବାରିକଙ୍କୁ ମିଶାଇ ୩ଜଣ ଏବଂ କୋଷାଧକ୍ଷ ପଦ ପାଇଁ ଲିଙ୍ଗରାଜ ମିଶ୍ର ଓ ଅରବିନ୍ଦ ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୮ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ରାଜୀବଲୋଚନ ପ୍ରଧାନ, ସତ୍ୟବାନ ପାଲ, ଅଶୋକ କୁମାର ପଣ୍ଡା, ସରୋଜ କୁମାର ସି, ଦୁଷ୍ମନ୍ତ କୁମାର ଦାଶ, ସ୍ୱପ୍ନା ମହାନ୍ତି, ମାନସରଞ୍ଜନ ବେହେରା, କୁମାରୀ ବବିତା ବେହେରା, ବିଜୟ କୁମାର ଦତ୍ତ, ଜ୍ଞାନରଞ୍ଜନ ଜେନା, ସୁଶାନ୍ତ ପଣ୍ଡା ଓ ସାଧୁ ମୁର୍ମୁଙ୍କୁ ମିଶାଇ ୧୨ଜଣ ପ୍ରାର୍ଥୀ ରହିଛନ୍ତ। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସ ନିର୍ବାଚନ ପରିଚାଳନା କରିବେ। ଯୁଗ୍ମ ସମ୍ପାଦକ ପଦ ପାଇଁ ଜଣେ ମାତ୍ର ପ୍ରାର୍ଥୀ ସ୍ୱରୂପ କୁମାର ମିଶ୍ର ଥିବାରୁ ଉକ୍ତ ପଦବୀ ପାଇଁ ନିର୍ବାଚନ ହେବ ନାହିଁ ।

### 'ରାଷ୍ଟ୍ର ନିର୍ମାଣରେ ସ୍ୱେଚ୍ଛାସେବୀ ସାମିଲ ହୁଅନ୍ତୁ'

**ରୂପସା, ୨୫।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ଆନୁକୂଲ୍ୟରେ ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଉଦଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଶିବିର ସଂଯୋଜକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଡ. ଆରୁଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ବିଜୟ କୁମାର ବେହେରା ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ମୁନେଷ ଚନ୍ଦ୍ର ଅଧିକାରୀ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତିରଞ୍ଜନ ଦାସ, ସହକାରୀ ପ୍ରାଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ସ୍ୱେଚ୍ଛାସେବୀମାନେ ସାମିଲ ହେଲେ ସାମଗ୍ରିକ ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରଭାତ କୁମାର ପରିଡ଼ା ଶିବିରରେ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଶମ୍ଭୁନାଥ ଗିରି, ଡ. ତପନ କୁମାର ଦାସ, ସତ୍ୟେନ୍ଦ୍ର କୁମାର ପାଲ, ଲାଖିରାମ ହାଁସଦା, ପଦ୍ମିନୀ ନାୟକ, ବାସନ୍ତୀ ସାହୁ, ଜୟନ୍ତ ମଲ୍ଲିକ, ଜିତେନ୍ଦ୍ର କୁମାର ବାରିକ, ସନାତନ ମଲ୍ଲିକ ଓ ନିରଞ୍ଜନ ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଜାତୀୟ ସେବା ଯୋଜନା ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସୂଚନା ଅଧିକାର ଆଇନ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ମାନସ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# କୋଭିଡ୍ କଟକଣାରେ ପ୍ରତିଭା ମହୋତ୍ସବ

**ଖଇରା, ୨୫।୩(ଡି.ଏନ.ଏ.)**

ଖଇରାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିଭା ପରିବାରର ଅନ୍ତିମ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଗୁରୁବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନାତନ ବେହେରା ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଓ ସଭ୍ୟ ବିଷ୍ଣୁପ୍ରସାଦ ମିଶ୍ର ୨ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏପ୍ରିଲ ୨ତାରିଖ ଉଦ୍‌ଘାଟନୀ ଦିବସ ଅପରାହ୍ନରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ସାଙ୍ଗକୁ ସଭା ଓ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ପରେ ଭୁବନେଶ୍ୱର ଶିଳ୍ପିକା ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ ସହ କଳାକାରଙ୍କ ଦ୍ୱାରା ସଙ୍ଗୀତ

**ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ ଦର୍ଶକ**

ପରିବେଷଣ ହେବ। ସେହିଭଳି ୩ତାରିଖ ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧନା ପର୍ବର ଠିକ୍ ପରେ ଷ୍ଟାର ସିଙ୍ଗର ଜେମ୍‌ସ ବଣ୍ଠ ଦର୍ଶକଙ୍କୁ ନିଜର କଣ୍ଠର ଯାଦୁ ଦେଖାଇବେ । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରହୀ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଖବରଦାତା ସମ୍ମିଳନୀରେ ମୁକ୍ତିକାନ୍ତ ଶତପଥୀ, ବିମନ କୁମାର ବାରିକ, ରଘୁନାଥ ପତ୍ରୀ, ପ୍ରଶାନ୍ତ କୁମାର ଦାସ ଓ ଡା.ହରେକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପାତରଅନ୍ତର ନୀତିରେ ଚାଲିଛି ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟ


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଏନ୍‌ୱାଇଭିମାନେ।

**ବାଲେଶ୍ୱର ଅଫିସ, ୨୫।୩**

ବାଲେଶ୍ୱର ଜିଲାରେ ଥିବା ନେହେରୁ ଯୁବକେନ୍ଦ୍ର ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ନ୍ୟାଶନାଲ ୟୁଥ୍ ଭଲେଣ୍ଟିୟର (ଏନ୍‌ୱାଇଭି) ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଜିଲାରେ ୨୬ଜଣ ଏନ୍‌ୱାଇଭି କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ବ୍ଲକରେ ୨ଜଣ ଲେଖାଏ କାର୍ଯ୍ୟ କରୁଥିବା ବେଳେ ବାଲେଶ୍ୱର ପୌରାଞ୍ଚଳରେ ୨ଜଣ ଏନ୍‌ୱାଇଭି କାର୍ଯ୍ୟରତ ଅଛନ୍ତି। କିନ୍ତୁ ସମସ୍ତଙ୍କୁ ସମାନ କାମ ମିଳୁ ନାହିଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କ ଦରମା ବନ୍ଦ କରାଯିବା ସହ ତାଙ୍କ ବ୍ଲକକୁ କୌଣସି କାର୍ଯ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ସିମୁଳିଆ ବ୍ଲକର ଏନ୍‌ୱାଇଭି ପ୍ରିୟଙ୍କା ମଣ୍ଡଳ କହିଛନ୍ତି, ୨୦୨୧ରେ ଇଣ୍ଟରଭ୍ୟୁ ଦେଇ ନେହେରୁ ଯୁବକେନ୍ଦ୍ରର ଏନ୍‌ୱାଇଭି ଭାବେ କାର୍ଯ୍ୟ କରୁଛନ୍ତି। ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ କାମ ଠିକ୍‌ଠାକ୍ ମିଳିଥିଲା। କାର୍ଯ୍ୟର ପ୍ରାପ୍ୟ ନ ମିଳିବାରୁ ସେ ଅଭିଯୋଗ କରିଥିଲେ। ସେବେଠାରୁ ନାଁ କାମ ମିଳୁଛି, ନାଁ ଦରମା ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ରଜତ କୁମାର ପାତ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟେକ ବ୍ଲକକୁ ଖେଳ ସାମଗ୍ରୀ ପାଇଁ ଟଙ୍କା ଆସିଥିଲା। ଉକ୍ତ ଟଙ୍କାରେ ଗ୍ରାମରେ ଆବଶ୍ୟକ ଥିବା ଖେଳ ସାମଗ୍ରୀ ଏନ୍‌ୱାଇଭିଙ୍କ ମାଧ୍ୟମରେ କ୍ରୟ କରାଯାଇ କ୍ରୀଡ଼ା ଭିତ୍ତିଭୂମି ବିକାଶ କରାଯିବାର ନିୟମ ରହିଛି। କିନ୍ତୁ ଏହାକୁ ଉଲ୍ଲଂଘନ କରାଯାଇଛି। ଏ ସମ୍ପର୍କରେ ପଚାରିବାରେ ଦୁଇମାସ ଧରି ତାଙ୍କର ଦରମା ବନ୍ଦ କରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସୋର ବ୍ଲକର ଏନ୍‌ୱାଇଭି ଅସୀମ ରଞ୍ଜନ ଖୁଣ୍ଟିଆ, ବସ୍ତା ବ୍ଲକର ଅଜିତ ଦଳେଇ, ଭୋଗରାଇ ବ୍ଲକର ଗୌରାଙ୍ଗ ଦେ, ଜଳେଶ୍ୱର ବ୍ଲକର ଅନୁସ୍ୱରୀ ଦେ, ବାଲିଆପାଳ ବ୍ଲକର ସୁଶାନ୍ତ ବେହେରା, ବାହାନଗା ବ୍ଲକର ଏନ୍‌ୱାଇଭି ଅମରେଶ ବିଶ୍ୱାଳ ପ୍ରମୁଖ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁଙ୍କୁ ମଧ୍ୟ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଜିଲା ଯୁବ ଅଧିକାରୀ ରମେଶ କାପୁରଙ୍କୁ ପଚରାଯିବାରୁ ଯେଉଁ ଏନ୍‌ୱାଇଭିମାନେ ଅଭିଯୋଗ କରୁଛନ୍ତି, ସେମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଆଗାମୀ ବର୍ଷର ଚୁକ୍ତି ନ ହେବା ଭୟରେ ବିଭିନ୍ନ ଜାଗାରେ ଅଭିଯୋଗ ଲେଖି ଚାପ ଦେଉଥିବାର ପ୍ରକାଶ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ବୈଠକ

**ବନ୍ତ,୨୫।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଏମ୍‌ଜି ଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ର ୨୦୨୦-୨୧ ଆର୍ଥିକ ବର୍ଷର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ କୁମାର ନାୟକ, ଜିଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧକ୍ଷା ପ୍ରଗତିବାଳା ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭଦର୍ଶନ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ସୁପ୍ରଭା ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସେଠୀ, ଅନନ୍ତ କିଶୋର ପଣ୍ଡା ଓ ୨୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଡିଏସ୍ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ୧୬ଜଣ ଭିଆର୍‌ପି ଏହି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟକୁ ଯାଞ୍ଚ କରି ରିପୋର୍ଟ ଦେଇଥିଲେ।

ସୂଚନା ଅନୁଯାୟୀ, ବ୍ଲକରେ ମୋଟ ୪୫୪୮ ଜବ୍‌କାର୍ଡ ଦିଆଯାଇଛି। ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ୨୦,୫୦୪ ପରିବାରକୁ କାମ ଯୋଗାଇ ଦିଆଯାଇ ୩,୨୨,୦୭୬ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ମୋଟ ୧୯୬୯ଟି ପ୍ରକଳ୍ପ ହାତକୁ ନିଆଯାଇ ୮୨୮.୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସମୀକ୍ଷା ରିପୋର୍ଟରେ ଦର୍ଶାଯାଇଛି।

# ମହିମାଶ୍ରମ ବାର୍ଷିକ ମେଳା ମହୋତ୍ସବ

**ଲଙ୍ଗଳେଶ୍ୱର, ୨୫।୩(ଡି.ଏନ.ଏ.)**

ସିଂଲା ପଞ୍ଚାୟତ ଅଧୀନ ବନ୍ଧୁଲି ଗ୍ରାମର ମହିମାଶ୍ରମର ବାର୍ଷିକ ମେଳା ମହୋତ୍ସବ ସାଧୁ ଅରୁପାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଅବଦୂତ ବନମାଳୀ ବାବାଙ୍କ ପୌରୋହିତ୍ୟରେ ଅଖଣ୍ଡବତୀ ଓ ବ୍ରହ୍ମଧୂନି ସ୍ଥାପିତ ହୋଇଥିଲା। ବହୁ ଦୂରଦୂରାନ୍ତରୁ ମହିମା ଧର୍ମାବଲମ୍ବୀ ଯୋଗଦେଇ ଅଲେଖ ଭଜନ ଓ ପ୍ରବଚନ ମାଧ୍ୟମରେ ଭକ୍ତଙ୍କ ମନରେ ଶାନ୍ତ ବାତାବରଣ ସୃଷ୍ଟି କରିଥିଲା। ଧର୍ମାତ୍ମା ବ୍ୟକ୍ତିମାନଙ୍କର ଅଖିଳ ବିଶ୍ୱବ୍ରହ୍ମାଣ୍ଡର ଶାନ୍ତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥାନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଏହା ଅନୁସରଣ କରି ପ୍ରତ୍ୟେକ ବ୍ୟକ୍ତି ପାଳନ କରିବା ଉଚିତ୍ ବୋଲି ଉକ୍ତ ଆଶ୍ରମର ବାବା ଅରୂପାନନ୍ଦ ଦାସ ଉପସ୍ଥିତ ମହିମା ଭକ୍ତ ଓ ଲୋକମାନଙ୍କୁ ବୁଝାଇଥିଲେ। ମଧ୍ୟାହ୍ନଭୋଜନ ପରେ ମହିମା ଅଲେଖ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ନିରଞ୍ଜନ ଶୁକ୍ଳ, ମନୋରଞ୍ଜନ ନାୟକ, ସତ୍ୟଜିତ ପାତ୍ର, ସିଂଲା ପଞ୍ଚାୟତର ସରପଞ୍ଚ ବିପିନ୍ ବିଶ୍ୱାଳ, କ୍ଷିତିଶ୍ ରାଉତ, ଭବଶଙ୍କର ଗିରି, ରମେଶ ପ୍ରଧାନ, ସୃଷ୍ଟିଧର ପାତ୍ର, ମୃତ୍ୟୁଞ୍ଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ମାଗଣା ସ୍ୱାସ୍ଥ୍ୟସେବା ଶିବିର।

# ସରୁନି ସର୍ଭିସ ରୋଡ୍ କାମ, ଟ୍ରାଫିକ ଜାମ୍

**କେନ୍ଦୁଝର,୨୫।୩(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟା ସମାଧାନ ତଥା ଦୁର୍ଘଟଣା ରୋକିବା ପାଇଁ ୨୦ ଓ ୪୯ନଂ. ଏନ୍‌ଏଚ୍‌କୁ ସହର ବାହାରେ (ବାଇପାସ୍) ନିର୍ମାଣ କରାଯାଇଛି। ତେବେ ଅସମ୍ପୂର୍ଣ୍ଣ ବାଇପାସ୍ ଯୋଗୁ ଟ୍ରାଫିକ ସମସ୍ୟା ଦୂର ହୋଇ ପାରୁନାହିଁ। ସହର ଦେଇ ଅନେକ ସମୟରେ ଭାରୀଯାନ ଚଳାଚଳ ପୂର୍ବ ପରି କରୁଥିବାରୁ ଟ୍ରଫିକ ସମସ୍ୟା ସୃଷ୍ଟି ହେଉଛି। ସମ୍ବଲପୁରରୁ ଏନ୍‌ଏଚ୍ ୪୯ରେ ଆସୁଥିବା ରାସ୍ତା ଜୁଡିଆ ଘାଟିରୁ ଏନ୍‌ଏଚ୍ ୨୦ (ବାଇପାସ୍) ଦେଇ ଏନ୍‌ଏଚ୍ ୪୯ର ବାଇପାସ୍ ରାସ୍ତା ଦେଇ ଯାତାୟାତ କରୁଛି। ତେବେ ଦୁଇ ଏନ୍‌ଏଚ୍‌ର ସଂଯୋଗ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଭାରୀଯାନ ଚଳାଚଳରେ ସମସ୍ୟା ଉପୁଜୁଛି। ଅନେକ ସମୟରେ ସହର ଦେଇ ଭାରୀଯାନ ଚଳାଚଳ କରୁଛି। ଜୁଡ଼ିଆ ଘାଟି ନିକଟରେ ଏନ୍‌ଏଚ୍ ୨୦ର ଏକ ଅଣ୍ଡରପାସ୍ ରହିଥିଲେ ହେଁ ସେଠାରେ ସର୍ଭିସ ରୋଡ୍ ନାହିଁ। ଫଳରେ ଅସ୍ଥାୟୀ ଭାବରେ ଏନ୍‌ଏଚ୍ ୪୯ରୁ ଆସୁଥିବା ଗାଡ଼ିଗୁଡ଼ିକ ଦମକଳ କେନ୍ଦ୍ର ନିକଟରେ ଥିବା ଡିଏମ୍‌ଏଫ୍ ଅର୍ଥରେ ନିର୍ମିତ ରାସ୍ତାରେ ଯାତାୟତ କରୁଛି।


କେନ୍ଦୁଝର ସହର ଦେଇ ଯାତାୟାତ କରୁଥିବା ଭାରିଯାନ।

ଉକ୍ତ ସର୍ଭିସ ରୋଡ୍ ନିର୍ମାଣ ଏକ ଘରୋଇ ଏକ ଠିକା ସଂସ୍ଥା କରୁଥିଲେ ହେଁ କାମରେ ମନ୍ଥର ଗତି ଯୋଗୁଁ ଦୀର୍ଘ ମାସ ହେଲା ନିର୍ମାଣ ସରୁନାହିଁ। ଏ ନେଇ ପ୍ରଶାସନ ପକ୍ଷରୁ ମଧ୍ୟ ଉକ୍ତ ଠିକା ସଂସ୍ଥାକୁ ତାଗିଦ କରାଯାଉନାହିଁ, ବରଂ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସମୟ ଦିଆଯାଉଥିବା ଅଭିଯୋଗ ହେଉଛି। ଯାହା ଫଳରେ ଦମକଳ କେନ୍ଦ୍ର ନିକଟ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଲେ ସ୍ଥାନୀୟ ଲୋକେ ଭାରୀଯାନଗୁଡ଼ିକୁ କେନ୍ଦୁଝର ସହର ଦେଇ ଯିବାକୁ ବାଧ କରୁଥିବା ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ସହର ମଧ୍ୟରେ ଭାରୀଯାନ ଚଳାଚଳ ଯୋଗୁ ଉପୁଜୁ ଥିବା ଟ୍ରାଫିକ ସମସ୍ୟାକୁ ନେଇ ପୋଲିସ ବିଭାଗକୁ ମଧ୍ୟ ନାକେଦମ୍ ହେବାକୁ ପଡୁଛି। ଅନେକ ସମୟରେ ରାସ୍ତାରେ ଗାଡ଼ି ଖରାପ ହେଲେ ବା ଦୁର୍ଘଟଣା ଘଟିଲେ ବହୁ କି.ମି. ପର୍ଯ୍ୟନ୍ତ ଟ୍ରକ୍ ଗୁଡ଼ିକର ଲମ୍ବା ଧାଡ଼ି ଲାଗିଥାଏ। ଫଳରେ ଉକ୍ତ ରାସ୍ତାରେ ଯାତାୟତ କରିବା ପାଇଁ ଯାତ୍ରୀ, ପର୍ଯ୍ୟଟକଙ୍କୁ ଘଣ୍ଟା ଘଣ୍ଟା ଧରି ଅଟକି ରହିବାକୁ ପଡ଼ିଥାଏ। ହାତୀ ଚଳପ୍ରଚଳ ଅଞ୍ଚଳ ଭାବରେ ଚିହ୍ନିତ ହୋଇଥିବାରୁ ହାତୀମାନେ ରାସ୍ତା ପାର ହୋଇ ଯିବା ଆସିବା କରିପାରୁ ନାହାଁନ୍ତି। ବନ ବିଭାଗ ହାତୀ ଚଲାପଥର ବୋର୍ଡ ମାରି ଦାୟିତ୍ୱ ଶେଷ କରିବା ସହ ଉକ୍ତ ହାତୀ ଚଲାପଥର ୧୦୦ ମିଟର ମଧ୍ୟରେ ଗାଡ଼ି ପାର୍କିଂ କଲେ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ଘୋଷଣା କରିଥିଲେ ହେଁ ସେସବୁ କାଗଜପତ୍ରରେ ସୀମିତ ରହିଛି। ଏସଂକ୍ରାନ୍ତରେ ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି ଯେ, ରାସ୍ତା କାମ ସରି ନ ଥିବାରୁ ଅନେକ ସମୟରେ ଭାରୀଯାନ ବାଇପାସ୍ ରାସ୍ତାରେ ଯାତାୟତ ସୁବିଧା ଜନକ ହେଉନାହିଁ। ସେହିପରି ରାସ୍ତାରେ ଗାଡ଼ି ଖରାପ ହେଲେ ବା ଦୁର୍ଘଟଣା ଘଟିଲେ ସାଇଡ୍ କରିବା ପାଇଁ ସମୟ ଲାଗିଥାଏ।

